# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 31 May – 2024

### News Editor : Tapan Kumar Maharana

********************************

## ମୁଖ୍ୟ ସମ୍ବାଦ

- ଦେଶ ଓ ରାଜ୍ୟର ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ; ଆସନ୍ତାକାଲି ନିଆଯିବ ଭୋଟ

– ଅନ୍ତିମ ପର୍ଯ୍ୟାୟରେ ରାଜ୍ୟର ୯୯ ଲକ୍ଷ ୬୧ ହଜାର ମତଦାତା ସାବ୍ୟସ୍ତ କରିବେ ମତାଧିକାର

- ପଶ୍ଚିମ ଓଡ଼ିଶାରେ ଅସ୍ୱାଭାବିକ ମୃତ୍ୟୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଲା ଜନସ୍ୱାସ୍ଥ୍ୟ ବିଭାଗ

- ତମାଖୁ ସେବନ ଏବଂ ସ୍ୱାସ୍ଥ୍ୟହାନୀ କାରକ ସମ୍ବନ୍ଧରେ ଲୋକଙ୍କୁ ସଚେତନ ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ଆଜି ପାଳିତ ହେଉଛି ବିଶ୍ୱ ତମାଖୁ ନିରୋଧ ଦିବସ

ଏବଂ

- ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଆଉ ୩ ଦିନ ପର୍ଯ୍ୟନ୍ତ ଲାଗି ରହିବାର ସୂଚନା; ସତର୍କତା ମୂଳକ ପଦକ୍ଷେପ ନେବା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନର ଦେଲେ ପରାମର୍ଶ

***Desk***

## ଦେଶର ସପ୍ତମ ପର୍ଯ୍ୟାୟ ନିର୍ବାଚନ

ଦେଶର ସପ୍ତମ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ଆସନ୍ତାକାଲି ଓଡ଼ିଶା ସମେତ ଉତ୍ତରପ୍ରଦେଶ, ପଞ୍ଜାବ, ପଶ୍ଚିମବଙ୍ଗ, ବିହାର, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ ଓ ଚଣ୍ଡୀଗଡ଼ କେନ୍ଦ୍ରଶାସିତ ଅଞ୍ଚଳର ୫୭ଟି ଲୋକସଭା ଆସନ ପାଇଁ ମତଗ୍ରହଣ କରାଯିବ । ଏହି ପର୍ଯ୍ୟାୟରେ ମୋଟ୍ ୯୦୪ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଆସନ୍ତା ଜୁନ୍ ୪ ତାରିଖରେ ସମସ୍ତ ପର୍ଯ୍ୟାୟ ନିର୍ବାଚନର ଭୋଟ୍‌ଗଣତି କରାଯିବ ।

***BHK/Desk***

## ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ

ରାଜ୍ୟରେ ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟରେ ଆସନ୍ତାକାଲି ୬ଟି ଲୋକସଭା ଆସନ ଓ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ହେବ । ସେହି ଲୋକସଭା ଆସନ ଗୁଡ଼ିକ ହେଉଛି ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ଜଗତସିଂହପୁର । ଏହି ପର୍ଯ୍ୟାୟରେ ୯୯ ଲକ୍ଷ ୬୧ ହଜାର ୫୭ ଜଣ ମତଦାତା  ଅଛନ୍ତି । ସେମାନଙ୍କ ମଧ୍ୟରୁ ୫୦ ଲକ୍ଷ ୮୮ ହଜାର ଛଅସ୍ତରୀ

ଜଣ ପୁରୁଷ, ୪୮ ଲକ୍ଷ ୭୨ ହଜାର ୨୯୪ ଜଣ ମହିଳା ଓ ୬୮୭ ଜଣ ଅନ୍ୟାନ୍ୟ ବର୍ଗର ଭୋଟର ଅଛନ୍ତି। ତେବେ ପ୍ରଥମଥର ମତଦାତାଙ୍କ ସଂଖ୍ୟା ୨ ଲକ୍ଷ ୫୭ ହଜାର ୩୪୫ ରହିଛି।

ଏହି ପର୍ଯ୍ୟାୟରେ ରାଜ୍ୟରେ ୧୦ ହଜାର ୮୮୨ଟି ଭୋଟ୍‌ଗ୍ରହଣ କେନ୍ଦ୍ରରେ ମତଦାତା ସେମାନଙ୍କର ମନପସନ୍ଦର ପ୍ରାର୍ଥୀ ବାଛିବେ। ଏଥିମଧ୍ୟରୁ ୧ ହଜାର ୪୦୦ରୁ ଅଧିକ ସଖୀ ଭୋଟ୍‌ଗ୍ରହଣ କେନ୍ଦ୍ର ସମ୍ପୂର୍ଣ୍ଣ ରୂପେ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି। ମତଦାନ ପ୍ରକ୍ରିୟାରେ ସୁରୁଖୁରୁରେ ଶେଷ କରିବା ଲାଗି ୭୨ ହଜାର ପୁଲିଂ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ସୂଚନା ଅନୁଯାୟୀ, ଆସନ୍ତାକାଲି ହେବାକୁ ଥିବା ୬ଟି ଲୋକସଭା ଆସନ ପାଇଁ ୫୫ ଜଣ ପୁରୁଷ ଏବଂ ୧୧ ଜଣ ମହିଳା ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ୪୨ଟି ବିଧାନସଭା କ୍ଷେତ୍ର ପାଇଁ ୩୩୬ ଜଣ ପୁରୁଷ ଏବଂ ୫୮ ଜଣ ମହିଳା ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ କହିଛନ୍ତି, ଆସନ୍ତାକାଲିର ନିର୍ବାଚନ ପ୍ରକ୍ରିୟା ଉପରେ ନଜର ରଖିବା ଲାଗି ୧୨ ଜଣ ସାଧାରଣ ପର୍ଯ୍ୟବେକ୍ଷକ, ୩ ଜଣ ପୁଲିସ ପର୍ଯ୍ୟବେକ୍ଷକ ଏବଂ ୧୮ ଜଣ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ପ୍ରଥମେ ୧୨୫ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳକୁ ଷ୍ଟ୍ରଙ୍ଗ୍ ରୁମ୍ ସମେତ ଭୋଟ୍‌ଗ୍ରହଣ

କେନ୍ଦ୍ର ଗୁଡ଼ିକରେ ମୁତୟନ କରାଯାଇଥିବା ବେଳେ ଯାଜପୁର ଜିଲ୍ଲାରେ ଅତିରିକ୍ତ ୧ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ ମୁତୟନ କରାଯିବ।

ଭଦ୍ରକ ଜିଲ୍ଲାରେ ଆସନ୍ତାକାଲି ହେବାକୁ ଥିବା ନିର୍ବାଚନ ସମ୍ପର୍କରେ ଆମ ସମ୍ବାଦଦାତା ଅଶୋକ କୁମାର ନାୟକଙ୍କ ରିପୋର୍ଟ....

**- V/O –**

***Keonjhar***

## ଭୋଟ୍‌ଗଣତି ପ୍ରସ୍ତୁତି

କେନ୍ଦୁଝର ଜିଲ୍ଲାରେ ଜୁନ୍ ୪ ତାରିଖରେ ଭୋଟ୍‌ଗଣତି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲ୍ଲାର ତିନୋଟି ସ୍ଥାନରେ ଭୋଟ୍‌ଗଣତି କରାଯିବ ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଇଭିଏମ୍ ରଖାଯାଇଥିବା ଷ୍ଟ୍ରଙ୍ଗ ରୁମ୍ ଗୁଡ଼ିକରେ ୨୪ ଘଣ୍ଟିଆ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ସିସିଟିଭି ଜରିଆରେ ନଜର ରଖାଯାଇଛି। ପ୍ରତି ଆସନ ପାଇଁ ୧୪ଟି ଲେଖାଏଁ ଟେବୁଲ କରାଯାଇଥିବା ବେଳେ ୨୧ ରାଉଣ୍ଡ ଗଣତି ହେବ। ସକାଳ ୮ଟାରେ ପ୍ରଥମେ ପୋଷ୍ଟାଲ ବାଲାଟ୍ ଗଣତି ପରେ ୮ଟା ୩୦ରେ ଇଭିଏମ୍ ଭୋଟ୍‌ଗଣତି ହେବ।

***HS***

## ପଶ୍ଚିମ ଓଡ଼ିଶା ଅସ୍ୱାଭାବିକ ମୃତ୍ୟୁ ତଦନ୍ତ

ପଶ୍ଚିମ ଓଡ଼ିଶାରେ ଅସ୍ୱାଭାବିକ ମୃତ୍ୟୁ ଘଟଣାର ତଦନ୍ତ କରିବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜନସ୍ୱାସ୍ଥ୍ୟ

ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି। ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଏହାର ତଦନ୍ତ କରିବେ। ମୃତ୍ୟୁଦେହ ଗୁଡ଼ିକର ବ୍ୟବଚ୍ଛେଦ କରାଯିବ। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଶ୍ରୀ ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ, ପଶ୍ଚିମ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାରେ ୧୬ ଜଣଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି।

***Desk***

# ବିଶ୍ୱ ତମାଖୁ ଦିବସ

ତମାଖୁ ସେବନ ଏବଂ ସ୍ୱାସ୍ଥ୍ୟହାନି କାରକ ସମ୍ବନ୍ଧରେ ଲୋକମାନଙ୍କ ମଧ୍ୟରେ ସଚେତନ ସୃଷ୍ଟି କରାଇବା ଉଦ୍ଦେଶ୍ୟ ନେଇ ଆଜି ବିଶ୍ୱ ତମାଖୁ ନିରୋଧ ଦିବସ ପାଳନ କରାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ୧୯୮୮ ମସିହାରୁ ପାଳନ କରାଯାଉଥିବା ଏହି ଦିବସର ଚଳିତବର୍ଷର ବାର୍ତ୍ତା ରହିଛି **ତମାଖୁ ଶିଳ୍ପର ହସ୍ତକ୍ଷେପରୁ ପିଲାମାନଙ୍କୁ ସୁରକ୍ଷା ଦେବା** । ତମାଖୁରେ ୭ ହଜାରରୁ ଅଧିକ ବିଷାକ୍ତ ପଦାର୍ଥ ରହିଛି । ସେଥିମଧ୍ୟରୁ ୬୦ଟି ପଦାର୍ଥ କର୍କଟ ରୋଗ ସୃଷ୍ଟି କରିଥାଏ । ତମାଖୁ ସେବନ ଦ୍ୱାରା ଫୁସ୍‌ଫୁସ୍, ମୁଖଗହ୍ୱର ଏବଂ ଜିଭରେ କର୍କଟ ରୋଗ ଦେଖାଦେଇଥାଏ । ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ଉପରେ ମଧ୍ୟ ତମାଖୁର ପ୍ରଭାବ ପଡ଼ିଥାଏ । ରାଜ୍ୟରେ ପ୍ରାୟ ପ୍ରତ୍ୟେକ ବର୍ଷ ୩୦ରୁ ୩୫ ହଜାର ଲୋକ ତମାଖୁ ସେବନ କରି କର୍କଟ ରୋଗର ଶୀକାର ହେଉଛନ୍ତି ।

***Nabarangpur***

## ତମାଖୁ ବର୍ଜନ ଦିବସ

ନବରଙ୍ଗପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆଜି ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମଳୟ ରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଚେତନତା ସଭାରେ ଛୋଟ ପିଲାଙ୍କୁ ତମାଖୁ ପ୍ରଭାବରୁ ସୁରକ୍ଷା ଦେବା ଲାଗି ବିଭିନ୍ନ ଉପାୟ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଏହି ଅବସରରେ ତମାକୁ ମୁକ୍ତ ବିଶ୍ୱ ଗଠନ ପାଇଁ ଶପଥ ପାଠ କରାଯାଇଥିଲା ।

***Desk***

## ଅନ୍‌ଲାଇନ୍ ଠକେଇ

ଦେଶରେ ଅନ୍‌ଲାଇନ୍ ଠକେଇ ୭୦୮ ପ୍ରତିଶତ ବୃଦ୍ଧି ପାଇଥିବା ଜଣାପଡ଼ିଛି । ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଜାରି ବାର୍ଷିକ ରିପୋର୍ଟ ଅନୁଯାୟୀ, ୨୦୨୨-୨୩ ଓ ୨୩-୨୪ ଆର୍ଥିକ ବର୍ଷରେ କେବଳ ବ୍ୟାଙ୍କ ଠକେଇ ପରିମାଣରେ ୩୦୦ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ୨୦୨୪ରେ ୩୬ ହଜାର ୭୫ଟି ବ୍ୟାଙ୍କ ଠକେଇ ମାମଲା ପଞ୍ଜୀକୃତ ହୋଇଛି । ସେହିପରି ୨୦୨୪ ଆର୍ଥିକ ବର୍ଷରେ ଘରୋଇ କ୍ଷେତ୍ରରେ ବ୍ୟାଙ୍କ ଠକେଇ ହାର ୬୭ ପ୍ରତିଶତ ଥିବା ବେଳେ ଜାତୀୟକରଣ ବ୍ୟାଙ୍କ ଠକେଇ ହାର ୭୫ ପ୍ରତିଶତ ରହିଛି ।

*Desk*

## ବ୍ୟାଙ୍କ ଅର୍ଥ ଫେରସ୍ତ

ଦେଶରେ ଦାବିଦାର ନ ଥିବା ବ୍ୟାଙ୍କ ଜମା ପରିମାଣ ୭୮ ହଜାର କୋଟି ଟଙ୍କାରେ ପହଞ୍ଚିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୨୬ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ୨୦୨୨-୨୩ ସୁଦ୍ଧା ଦାବିଦାର ନଥିବା ବ୍ୟାଙ୍କ ଜମା ରାଶି ୬୨ ହଜାର ୨୨୫ କୋଟି ରହିଥିଲା। ଏ କ୍ଷେତ୍ରରେ ପ୍ରକୃତ ଦାବିଦାରଙ୍କୁ ଠାବ କରି ସେମାନଙ୍କୁ ଅର୍ଥ ଫେରସ୍ତ ଲାଗି ପଦକ୍ଷେପ ନେବାକୁ ରିଜର୍ଭ ବ୍ୟାଙ୍କ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

*Desk*

## ମୌସୁମୀ ବାୟୁ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ସମେତ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ପହଁଞ୍ଚିଥିବା ନେଇ ଭାରତୀୟ ପାଣିପାଗ କାର୍ଯ୍ୟାଳୟ ସୂଚନା ଦେଇଛି। ଚଳିତଥର ମୌସୁମୀ ବାୟୁ ଏକସଙ୍ଗରେ କେରଳ ଏବଂ ଉତ୍ତର-ପୂର୍ବ ରାଜ୍ୟ ଛୁଇଁଛି। କିଛିଦିନ ତଳେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ ରେମାଲର ପ୍ରଭାବ ଯୋଗୁଁ ମୌସୁମୀ ଶୀଘ୍ର ଆସିଥିବା ପାଣିପାଗ ବିଭାଗ ପକ୍ଷରୁ ଜଣାପଡ଼ିଛି। ୨୦୧୭ରେ ଶେଷଥର ପାଇଁ ମୌସୁମୀ ବାୟୁ ଏକ ସଙ୍ଗେ କେରଳ ଓ ଉତ୍ତର-ପୂର୍ବ ରାଜ୍ୟକୁ ଛୁଇଁଥିଲା। କେରଳରେ ଏହାର ପ୍ରଭାବରେ ବର୍ଷା ଜାରି ରହିଥିବା ବେଳେ ଅନ୍ୟାନ୍ୟ ଅଞ୍ଚଳରେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି।

ଚଳିତ ବର୍ଷ ମୌସୁମୀ ବାୟୁ ପ୍ରଭାବରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବରୁ ସୂଚନା ଦେଇସାରିଛି । ଦେଶରେ ୯୬ରୁ ୧୦୪ ପ୍ରତିଶତ ବର୍ଷା ହେବ । ଦେଶରେ କୃଷି କାର୍ଯ୍ୟ ବ୍ୟତୀତ ବିଦ୍ୟୁତ ଉତ୍ପାଦନ ଏବଂ ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ ମୌସୁମୀ ଜନିତ ବର୍ଷା ଉପରେ ମୁଖ୍ୟତଃ ନିର୍ଭର କରାଯାଏ ।

***Desk***

## ପାଣିପାଗ

ରାଜ୍ୟରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସତର୍କତା ମୂଳକ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳମାନଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର ସତ୍ୟବ୍ରତ ସାହୁ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି, ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବାହାରକୁ ନ ବାହାରିବା ପାଇଁ ପରାମର୍ଶ ଦେଇଛନ୍ତି । ଉପକୂଳ ଅଞ୍ଚଳରେ ବାୟୁମଣ୍ଡଳରେ ଆର୍ଦ୍ରତାର ପରିମାଣ ୭୮ ପ୍ରତିଶତ ରହୁଥିବାରୁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି । ଆଜି ଦିନ ସାଢ଼େ ୧୧ଟା ସୁଦ୍ଧା ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନର ତାପମାତ୍ରା ୪୦ ଡିଗ୍ରୀରୁ ଊର୍ଦ୍ଧ୍ୱ ଥିଲା । ଝାରସୁଗୁଡ଼ାରେ ୪୨ ଦଶମିକ ୨ ଏବଂ ସମ୍ବଲପୁରରେ ୪୨ ଡିଗ୍ରୀ ରେକର୍ଡ କରାଯାଇଛି । କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ବୌଦ୍ଧ, ସୋନପୁର, ସମ୍ବଲପୁର, ଝାରସୁଗୁଡ଼ା ଜିଲ୍ଲାକୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ପାଣିପାଗ ବିଭାଗ

ପକ୍ଷରୁ କୁହାଯାଇଛି । ଇତିମଧ୍ୟରେ ଗଞ୍ଜାମ ଜିଲ୍ଲାର ବେଲଗୁଣ୍ଠାରେ ୪୩ ଦଶମିକ ୬ ମିଲିମିଟରର ବର୍ଷା ହୋଇଥିବା ଜଣାପଡ଼ିଛି ।

***********************************